# ମାଟିକାମ

ମାଟିରେ ବିଭିନ୍ନ ଜିନିଷ ତିଆରି କରିବାର ସୁଲଭ କୌଶଳଗୁଡ଼ିକ ଏହି କର୍ମଶାଳାରେ ପିଲାମାନଙ୍କୁ ବୁଝାଇ ଦିଆଯାଇଥିଲା ।

ପ୍ରତ୍ୟେକ ପିଲା ପଶୁ ପକ୍ଷୀ, କଣ୍ଢେଇ, ଘରକରଣା ଉପକରଣ ଓ ଆହୁରି ବହୁତ କିସମର ଭଳିକି ଭଳି ଜିନିଷ ତିଆରି କରି ସଜେଇ ରଖିଥିଲେ ।

ସମସ୍ତ ପିଲା ନିଜେ ନିଜେ ଗୋଟିଏ କିମ୍ବା ତା'ଠାରୁ ଅଧିକ ମାଟିର ଜିନିଷ ତିଆରି କରିପାରିଥିଲେ ।

ବରିଷ୍ଠ ଓ କନିଷ୍ଠ ବିଭାଗର ଉଭୟ ଛାତ୍ରଛାତ୍ରୀ ପ୍ରାୟ ଏକ ହଜାରରୁ ଅଧିକ ଜିନିଷ ତିଆରି କରିପାରିଥିଲେ ।

ମାଟି ଚକଟି ଉପଯୁକ୍ତ ଭାବରେ ଦଳି ତାକୁ ଜିନିଷ ତିଆରି ପାଇଁ ଉପଯୋଗରେ ଆଣିବା କୌଶଳ ମଧ୍ୟ ପିଲାମାନେ ଶିଖିଥିଲେ । ବାଲିରେ ମାଟି ମିଶାଇ ବିଭିନ୍ନ ଉପକରଣ, ମୂର୍ତ୍ତି ତିଆରି କୌଶଳ ମଧ୍ୟ ପିଲାମାନେ କରି ଦେଖାଇଥିଲେ । ❑❑❑









# ଚିତ୍ରକଳା

ସର୍‌ଗିଫୁଲ ୨୦୧୧ରେ ଷ୍ଟଲ ନଂ ଡି-୧ ରେ ଛାତ୍ରଛାତ୍ରୀମାନଙ୍କୁ ନେଇ ଚିତ୍ରକଳା ଶୈଳୀର ଉନ୍ନତି ପାଇଁ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା ।

ଏହି କର୍ମଶାଳାର ସାଧନକର୍ମୀମାନେ ଛାତ୍ରଛାତ୍ରୀଙ୍କୁ ଚିତ୍ରକଳା ସମ୍ପର୍କର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥିଲେ ।

ଚିତ୍ର କିପରି କଥା କୁହେ, ଚିତ୍ର ମାଧମରେ ଆମେ କିପରି ନିଜର ମନୋଭାବକୁ ପ୍ରକାଶ କରିପାରିବା, ଚିତ୍ର ଅନ୍ୟମାନଙ୍କୁ କିପରି ପ୍ରେରଣା ଯୋଗାଇ ଥାଏ, ଚିତ୍ର ପାଇଁ କିପରି ନିଜର କଳ୍ପନା ଶକ୍ତିର ବିକାଶ ଘଟିଥାଏ ଇତ୍ୟାଦି ଅତି ସୁନ୍ଦର ଭାବରେ ତଥା ବ୍ୟକ୍ତିଗତ କାର୍ଯ୍ୟ ମାଧମରେ ଛାତ୍ର ଛାତ୍ରୀଙ୍କୁ ସୂଚନା ଦିଆଯାଇଥିଲା ।

ଚିତ୍ରର ରଙ୍ଗ ନିରୂପଣ ତଥା ଠିକ୍ ପ୍ରାମାଣିକ ଜ୍ଞାନ ବିଷୟର ମଧ ଧାରଣା ଦିଆଯାଇଥିଲା ।

ପ୍ରକୃତରେ ଏହି କର୍ମଶାଳାଟି ସୁନ୍ଦର, ଆକର୍ଷଣୀୟ ତଥା ଆନନ୍ଦ ଦାୟକ ହୋଇଥିଲା । ❑❑❑









# ଶିଶୁ-ସାମ୍ବାଦିକତା

ଚଳିତ ବର୍ଷ ସର୍‌ଗିଫୁଲ ୨୦୧୧ର ୩୦ଟି ଜିଲ୍ଲାରୁ ୬୦ ଜଣ ଛାତ୍ର ଛାତ୍ରୀଙ୍କୁ ନେଇ ଶିଶୁ-ସାମ୍ବାଦିକ କର୍ମଶାଳା ଆୟୋଜନ କରାଯାଇଥିଲା ।

ସର୍ବ ପ୍ରଥମେ ବିଭିନ୍ନ ଜିଲ୍ଲାରୁ ଆସିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ପରସ୍ପର ମଧ୍ୟରେ ପରିଚୟ ଆଦାନ ପ୍ରଦାନ କରି ଏକ ପାରିବାରିକ ପରିସ୍ଥିତି ସୃଷ୍ଟି କରାଯାଇଥିଲା ।

ଉପସ୍ଥିତ ଛାତ୍ର ଛାତ୍ରୀଙ୍କୁ ସାମ୍ବାଦିକତାର ଶୈଳୀ ସମ୍ପର୍କରେ ଆସିଥିବା ସାଧନକର୍ମୀମାନେ ଶିଖାଇଥିଲେ ।

ପର ପର ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ଦଳରେ ଭାଗ କରାଯାଇ ପ୍ରତ୍ୟେକ କର୍ମଶାଳା ତଥା ବାହାରେ ବିଭିନ୍ନ ପ୍ରକାର ବ୍ୟକ୍ତିଙ୍କ ସହ ଭାଷାର ଆଦାନ ପ୍ରଦାନ କରି ବିଭିନ୍ନ ପ୍ରକାର ପ୍ରଶ୍ନ ପଚାରି ତାଙ୍କ ଟିପା ଖାତାରେ ଟିପି ରଖିବାକୁ କୁହାଯାଇଥିଲା ।

ଏହା ଛଡ଼ା କିପରି ଭାବରେ ଠାର ତଥା ଅଭିନୟ ମାଧ୍ୟମରେ ଅନ୍ୟଜଣଙ୍କ ମନରଭାବକୁ ଜାଣି ହେବ, ଫଳରେ ଭିନ୍ନକ୍ଷମମାନଙ୍କ ମନ କଥାକୁ ସମ୍ବାଦରେ ସ୍ଥାନ ଦିଆଯାଇ ପାରିବ ତାହାର କୌଶଳ ମଧ୍ୟ ଛାତ୍ରଛାତ୍ରୀଙ୍କୁ ଅବଗତ କରାଯାଇଥିଲା ।

ସତରେ ସରଗିଫୁଲ ପିଲାମାନଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ, ବ୍ୟବହାର, କଥା ହେବାର ଶୈଳୀ ବିଷୟରେ ଏହି କର୍ମଶାଳା ମାଧ୍ୟମରେ ଜଣାଇବାକୁ ସମର୍ଥ ହୋଇପାରିଛି, ଏହା ମନା କରିହେବ ନାହିଁ । ❑❑❑










# ବିଜ୍ଞାନଭିତ୍ତିକ ଖେଳ

ବିଜ୍ଞାନଭିତ୍ତିକ ଖେଳରେ ଉଭୟ ବରିଷ୍ଠ ଓ କନିଷ୍ଠ ବିଭାଗରେ ଅଲଗା ଅଲଗା କର୍ମଶାଳା ଆୟୋଜିତ ହୋଇଥିଲା । ଏଥିରେ ମ୍ୟାଜିକ୍ ପାଇପ୍, ମଡ଼େଲ୍ ଆଫ୍ ଆଇ, ପାସ୍କାଲ ନିୟମ, ବାୟୁଗ୍ରପ, ଦୁଇଟିକୋନ୍‌ର ଗଡ଼ାଣି ଓ ସ୍କେଲଖେଳ ଇତ୍ୟାଦି ଖେଳଗୁଡ଼ିକରେ ପିଲାମାନେ ସକ୍ରିୟ ଅଂଶଗ୍ରହଣ କରି ବହୁତ ନୂତନ ଜ୍ଞାନ ପାଇଥିଲେ ।

ଲିଟ୍‌ମସ୍ ପେପରର ତିଆରି କୌଶଳ ଶିକ୍ଷା କରି କମଳା ରସ ଓ ସର୍ଫ ପାଣିରେ ତାର ପରୀକ୍ଷା କରିଥିଲେ ।

ସମ ପରିମାଣ ପାଣିରେ ଲୁଣ ଗୋଳାଇଲେ, ଲୁଣ ଗୋଳା ପାଣିର ଓଜନ ଅଧିକା ହେବ ବୋଲି ସେମାନେ ଶିକ୍ଷା କରିଥିଲେ । ❑❑❑








# ଗାଣିତିକ ଖେଳ

'ସର୍‌ଗିଫୁଲ' ଛାତ୍ରଛାତ୍ରୀଙ୍କ ରାଜ୍ୟସ୍ତରୀୟ ଉତ୍ସବରେ କନିଷ୍ଠ ଓ ବରିଷ୍ଠ ବିଭାଗରେ ଗଣିତ ଖେଳ କର୍ମଶାଳାର ଆୟୋଜନ କରାଯାଇଥିଲା । ଗଣିତ ଯେ ଏକ କଷ୍ଟକର ବିଷୟ ନୁହେଁ, ନିରସ ବିଷୟ ନୁହେଁ ଏକଥା ଶିକ୍ଷାର୍ଥୀ ଉପଲବ୍ଧ କରି ନିମ୍ନ ବିଷୟସବୁ ଶିଖିଥିଲେ ।

- ରିଡିଲ ମାଧ୍ୟମରେ ବ୍ରେନ୍ ଷ୍ଟର୍ମିଙ୍ଗ୍ ।
- ନମ୍ବରଖେଳ ଯଥା- 1, 2, 3, 5, 8 ପରେ କେତେ ହେବ ?
- $\frac{1}{2}+\frac{1}{6}+\frac{1}{12}+\frac{1}{20}+\frac{1}{30}+\frac{1}{42}+\frac{1}{56}+\frac{1}{72}+\frac{1}{90}=?$ ଇତ୍ୟାଦି ।
- $(x - y + 3) = 0$ & $(x^2 - y - 5) = 0$ ହେଲେ $x$ ଓ $y$ ର ମୂଲ୍ୟ କେତେ ଇତ୍ୟାଦି ।
- ଶତକଡ଼ା, ଲାଭକ୍ଷତି ସଂପର୍କିୟ ଗଣିତ ଖେଳ ।
- Tower of Hanoiର ଏକ ରୋଚକ ନିୟମ ।
- ମୁଦ୍ରା ଖେଳ । ୬ଟି ଏକ ଟଙ୍କିଆ ମୁଦ୍ରା ନେଇ ।
- ଜ୍ୟାମିତିକ ଆକାର ଓ ତା'ର ଉପଯୋଗିତା ।



- ଦ୍ୱିକ ସଂଖ୍ୟା ପଦ୍ଧତି ।
- Find Age Through Digital Calculator.
- ପ୍ଲାଟୋନିକ ସଲିଡ୍ - ଟେଟ୍ରାହେଡେନ୍, ଅକଟାଗନ୍, ଡୁଡ଼େକା ହେଡ଼େନ୍ ଇତ୍ୟାଦି ।
- Konigsberg bridge (Oilers law) ।
- ସେଟ୍ / ଶୂନ୍ୟ ସେଟ ଇତ୍ୟାଦି ।

